ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 19-04-2024

ଗଜପତି(ଓଡିଶା) - :2024-04-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-04-20 | 2024-04-21 | 2024-04-22 | 2024-04-23 | 2024-04-24 |
|---|---|---|---|---|---|
| ବର୍ଷା (ମିମି) | 0.0 | 10.0 | 10.0 | 15.0 | 4.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 41.0 | 40.0 | 39.0 | 38.0 | 38.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 26.0 | 26.0 | 25.0 | 24.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 82 | 83 | 59 | 63 | 64 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 13 | 20 | 19 | 22 | 22 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 9 | 8 | 8 | 7 |
| ପବନର ଦିଗ (ଡିଗ୍ରୀ) | 207 | 206 | 243 | 243 | 225 |
| ମେଘାଚ୍ଛନ (ଅକ୍ଟା) | 1 | 6 | 7 | 7 | 3 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶୁକ୍ରବାର ଦିନ ପାଗ ଶୁଖିଲା ରହିପାରେ ଏବଂ ତା'ପରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ମୁଖ୍ୟତଃ ସଫା ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୭.୦ ରୁ ୦୯.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୮.୦° ସେଲସିୟସ ରୁ ୪୧.୦° ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୫୯ ରୁ ୮୩ ଶତକଡା ଏବଂ ୧୩ ରୁ ୨୨ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୪୦.୯° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୩° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୧.୪ ମିଲିମିଟର ବର୍ଷା ହୋଇଅଛି । ଅପରାହ୍ନ ସମୟରେ ରୋଗନାଶକ, କୀଟନାଶକ କିମ୍ବା ତୃଣକନାଶକ ପ୍ରୟୋଗ କରନ୍ତୁ । ଅତ୍ୟଧିକ ତାପମାତ୍ରା ହ୍ରାସ କରିବା ପାଇଁ ଫସଲକୁ ପର୍ଯ୍ୟାପ୍ତ ଜଳସେଚନ କରନ୍ତୁ । ଧାନ କ୍ଷେତରେ ପାଣି ବାନ୍ଧିକି ରଖନ୍ତୁ । ଖରାଟିଆ ପନିପରିବା ଲଗେଇବା ପାଇଁ ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ନଚେତ୍ ସନ୍ଧ୍ୟାରେ ଲଗାନ୍ତୁ ଏବଂ ଦିନରେ କାଗଜ କ୍ୟାପ୍ ସହିତ ଘୋଡାନ୍ତୁ । ନୂତନ ଭାବରେ ପ୍ରସ୍ତୁତ ପନିପରିବା ନର୍ସରୀକୁ ପଲିଥିନ କିମ୍ବା ନଡା ସହିତ ଘୋଡାନ୍ତୁ । ମାଟିର ଆର୍ଦ୍ରତା ସ୍ଥିତିକୁ ବଜାୟ ରଖିବା ପାଇଁ ଆଚ୍ଛାଦିକରଣ କରନ୍ତୁ । ବିଶେଷତଃ ବ୍ୟବସାୟିକ ଫସଲ ସହିତ ଫଳ ବଗିଚା ଏବଂ ବ୍ୟାପକ ବିସ୍ତାରିତ ପନିପରିବା ପାଇଁ ସୀମିତ ଜଳ ଉପଲବ୍ଧ ପରିସ୍ଥିତିରେ ବୁନ୍ଦା ଏବଂ ସିଞ୍ଚନ ଜଳସେଚନ ବ୍ୟବସ୍ଥା କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ପାକଳ ଫସଲ ଗୁଡିକୁ ଯଥାଶୀଘ୍ର ଅମଳ କରନ୍ତୁ ଏବଂ ଅମଳ ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆମ୍ବ | ଆମ୍ବରେ ଫଳ ଝଡିବା ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ଦେଖାଦେଇଛି । ଫଳ ଗୁଡିକ ମଧ୍ୟରେ ପ୍ରତିଯୋଗିତା, ଜଳସେଚନର ଅଭାବ, ପ୍ରତିକୂଳ ପାଗ ଏବଂ ରୋଗ ପୋକର ସମସ୍ୟା ହେତୁ ଫଳ ଝଡିଥାଏ । ଫଳର ବିକାଶ ଓ ବୃଦ୍ଧି ସମୟରେ ନିୟମିତ ଜଳସେଚନ, ପୋକ ଓ ରୋଗ ର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ସଠିକ୍ ମାତ୍ରାରେ ପୋଷାକ ତତ୍ତ୍ୱର ପ୍ରୟୋଗ କରନ୍ତୁ ଏବଂ ହରମୋନ ଯଥା ୨-୪-ଡ଼ି (୧୦-୩୦ପିପିଏମ), ଏନଏଏ (୫-୫୦ପିପିଏମ), ୨,୪,୫-ଟି (୨୦ପିପିଏମ) ଇତ୍ୟାଦି ସିଞ୍ଚନ କରନ୍ତୁ । କୁଆପଥର ମାଡ ଏବଂ ପ୍ରବଳ ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଯଦି ସମ୍ଭବ ଚାରିପଟେ ଜାଲ ଲଗାନ୍ତୁ । ବୁଣାବୁଣି, ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳସେଚନ ଆଦି କାର୍ଯ୍ୟ କୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ । |

### ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଅଧିକ ଗରମ କାରଣରୁ ପ୍ରାଣୀମାନଙ୍କର ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ତାଙ୍କ ଅବସ୍ଥାରେ କିଛି ସୁଧାର ନ ଆସିଲେ ପ୍ରାଣୀମାନେ ମୃତ୍ୟୁବରଣ ମଧ୍ୟ କରିପାରନ୍ତି । ଦିନବେଳା ଖରା ଅଧିକ ହେଲେ ପ୍ରାଣୀମାନଙ୍କୁ ଗୁହାଳରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ୍ । ଗୁହାଳର ଛପର ଟିଣ ବା ଆଜବେଷ୍ଟସ୍ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ । ଜୋର ରେ ଖରା ହଉଥିଲେ ଗୁହାଳର ଖୋଲାଥିବା ଜାଗା ଗୁଡିକରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପ ଦିଅନ୍ତୁ । ଅଧିକ ଉତ୍ପାଦନକ୍ଷମ ପ୍ରାଣୀ ଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମ କରିପାରୁଥିବା ଉପକରଣ ଲଗେଇବାର ବ୍ୟବସ୍ଥା କରାଯିବା ଦରକାର । ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ । |

### ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଯଦି ମାଛ ଚାଷ ପାଇଁ ପୋଖରୀରେ ମାଛ ଜାଆଁଳା ଥାଏ, ତେବେ ମତ୍ସ୍ୟ ଚାଷୀମାନେ ଜଳର ଗୁଣବତ୍ତା ଏବଂ ସ୍ତର ଉପରେ ନଜର ରଖିବା ସହ ତାପମାତ୍ରା ଉପରେ ମଧ ନଜର ରଖିବା ଉଚିତ୍ । ଯଦି ଜଳର ତାପମାତ୍ରା ୩୦° ସେଲସିୟସ ରୁ ଅଧିକ ହେଲେ କିମ୍ବା ଜଳ ସ୍ତର ୧ ମିଟର ଗଭୀର ତଳକୁ ଚାଲିଗଲେ ଚାଷୀଭାଇ ମାନେ ଶୀଘ୍ର ଅମଳ କରିନିଅନ୍ତୁ ଏବଂ ମାଛ ବିହନ ଉତ୍ପାଦନ ଏବଂ ମାଛ ଚାଷ କାର୍ଯ୍ୟକଳାପ କୁ ସାମୟିକ ବନ୍ଦ ରଖନ୍ତୁ । ପ୍ରଜନନ ଏବଂ ମାଛ ଚାଷ କୁ ବନ୍ଦ କରନ୍ତୁ । |

### କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଖରା ଦାଉରୁ କୁକୁଡା ଓ ବତକ ମାନଙ୍କର ମାଂସ, ଅଣ୍ଡା ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁବରଣ ମଧ୍ୟ କରିଥାନ୍ତି । ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲାବେଳେ ଧ୍ୟାନ ଦେବେ ଯେପରି ଘର ଭିତରକୁ ସିଧା ଖରା ପଡୁ ନ ଥିବ, ମୁକ୍ତ ବାୟୁ ଚଳପ୍ରଚଳ କରୁଥିବ, ଘରର ଛପର ଉଚ୍ଚ ଓ ପାର୍ଶ୍ୱ କାନ୍ଥ ନୀଚ ଥିବା ଛପର ଉପରେ କଖାରୁ ଜାତୀୟ ଲତାଜାତୀୟ ଗଛ ମଡାନ୍ତୁ ଓ ଦିନବେଳା ପାଣି ଛିଞ୍ଚନ୍ତୁ । କୁକୁଡା ଓ ବତକ ମାନଙ୍କ ଉପରେ ମଧ୍ୟ ପାଣି ଛିଞ୍ଚନ୍ତୁ, କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶୀ ଓଦା ନ ହୁଏ । ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି ଦେଲେ ଘର ଥଣ୍ଡା ରହିଥାଏ । ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ । ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାନ୍ତୁ । |